بِسۡمِ اللّٰہِ الرَّحۡمٰنِ الرَّحِیۡمِ

୩ ଜୁଲାଇ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କ ସତ୍ୟବାଦୀ ଦାସ ହଜରତ ମସିହ ମଉଦ[ଅ.ସ]ଙ୍କର ଦୟା, କରୁଣା ଓ ଦାନ କରିବାର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜି ମୁଁ ହଜରତ ମସିହ ମଉଦ[ଅ.ସ]ଙ୍କର ଦୟା, କରୁଣା ଓ ଦାନ କରିବା ଚରିତ୍ରର କିଛି ଘଟଣାବଳୀ ଉପସ୍ଥାପନ କରିବି । ହଜରତ ଶେଖ୍ ୟାକୁବ୍ ଅଲୀ ଇରଫାନୀ[ର.ଅ] ସାହେବ ଲେଖିଛନ୍ତି, ହୁଜୁର[ଅ.ସ]ଙ୍କର ଦାନ କରିବା ଏକ ଅସରନ୍ତି ନଦୀ ସଦୃଶ ଥିଲା ଏବଂ ମହାଭାଗଙ୍କ ପବିତ୍ର ହସ୍ତ ରତ୍ନ ବୃଷ୍ଟି କରୁଥିବା ମେଘ ଭଳି ଥିଲା । ଯାହା ଅନବରତ ବର୍ଷୁ ଥିଲା ଏବଂ ସମସ୍ତଙ୍କୁ ତୃପ୍ତ କରୁଥିଲା । ଆଉ ପବିତ୍ର ରମଜାନ ମାସରେ ତ ଏହି ଧାରା ଅତି ପ୍ରଖର ରୂପ ଧାରଣ କରି ନେଉଥିଲା । ଅବ୍ଦୁଲ୍ ଗଫ୍‌ଫାର୍ କଶ୍ମିରୀ ସାହେବ ବର୍ଣ୍ଣନା କରନ୍ତି, ଯେତେବେଳେ ତାଙ୍କର ବିବାହ ହେଲା ସେତେବେଳେ ହୁଜୁର[ଅ.ସ] ତାଙ୍କୁ ଦୁଇଟି ମୂଲ୍ୟବାନ ଅଳଙ୍କାର ଦେଇଥିଲେ । ଏହି ଘଟଣା ହୁଜୁର[ଅ.ସ]ଙ୍କର ପରାକ୍ରମୀ ଅଲ୍ଲାଃଙ୍କ ନିକଟରୁ ଆଦେଶ ପାଇବା ପୂର୍ବର, ଯେବେ ମହାଭାଗ ଏକାନ୍ତବାସ ଜୀବନ ଅତିବାହିତ କରୁଥିଲେ ।

ମୋ ମାତା ଶ୍ରୀମତୀ ବଶୀର୍ ସାହେବ ଭଗ୍ନି ବର୍ଣ୍ଣନା କରନ୍ତି, ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ]ଙ୍କ ବିବାହ ସମୟରେ ଜଣେ ଗୀତ ଗାଉଥିବା ମହିଳା ଢୋଲ ଧରି ଆସିଲା ଓ ତାହାକୁ ବଜାଇବା ଆରମ୍ଭ କଲା । ଏଥିରେ ହୁଜୁର[ଅ.ସ] କହିଲେ; ତାକୁ ଏହା ନବଜାଇବାକୁ କୁହ ଏବଂ ସେ ଯାହା ମାଗୁଛି ତାକୁ ଦେଇଦିଅ । ତଦନୁଯାୟୀ ତାକୁ ଚାରି-ପାଞ୍ଚ ଟଙ୍କା ଦିଆଗଲା । ତା'ପରେ ସେ କହିଲା; ଆଜ୍ଞା ମୋତେ ଶୀତ ଲାଗୁଛି । ବସ୍ତୁତଃ ମହାଭାଗ ତାକୁ ଏକ ରଜେଇ ମଧ୍ୟ ଦେଇଦେଲେ । ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ବର୍ଣ୍ଣନା କରନ୍ତି, ସର୍ବପ୍ରଥମେ ଏହି କଥାଟି ମନେ ରଖିବା ଉଚିତ୍ ଯେ ହୁଜୁର[ଅ.ସ]ଙ୍କର କୌଣସି ପ୍ରକାରର ସ୍ୱତନ୍ତ୍ର ପୋଷାକ ପ୍ରତି ସଉକ ନଥିଲା । ଶେଷ ଦିନଗୁଡ଼ିକର କିଛି ବର୍ଷରେ ପୁଣ୍ୟଶ୍ଳୋକଙ୍କ ପାଖକୁ ବହୁତ ସିଲେଇ ହୋଇଥିବା ପୋଷାକ ପ୍ରସ୍ତୁତ ହୋଇ ଆସୁଥିଲା, ବିଶେଷ କରି କୋଟ ଇତ୍ୟାଦି । କିନ୍ତୁ ପଗଡି ପ୍ରାୟତଃ ହୁଜୁର ନିଜେ କିଣି ବାନ୍ଧୁ ଥିଲେ, ଯେପରି ପୋଷାକ ପ୍ରସ୍ତୁତ ହୋଇ ଆସୁଥିଲା, ସେହିପରି ତାହା ଖର୍ଚ୍ଚ ମଧ୍ୟ ହୋଇଯାଉ ଥିଲା ଅର୍ଥାତ୍ ଆଶୀର୍ବାଦ ସ୍ୱରୂପ ମାଗୁଥିବା ଲୋକଙ୍କୁ ଦେଇଦିଆ ଯାଉଥିଲା ।

ହଜରତ ମୀର୍ ମେହଦୀ ହୁସେନ୍ ସାହେବ[ର.ଅ] ବର୍ଣ୍ଣନା କରନ୍ତି, ଥରେ ମୌଲବୀ ମୁହମ୍ମଦ ଅହସନ୍ ସାହେବ ମୋତେ ପୁସ୍ତକ ଚଶ୍‌ମା-ଏ-ମସିହ୍‌ର ଗୋଟିଏ ନକଲ ମାଗିଲେ । ମୁଁ ଉତ୍ତର ଦେଲି ହୁଜୁର[ଅ.ସ] କହିଛନ୍ତି; କାର୍ଯ୍ୟାଳୟରେ ଏତିକି ସଂଖ୍ୟକ ବହି ରହିବା ଉଚିତ୍ । ଆଉ କେତେବେଳେ ବି ସରକାର ଏହି ପୁସ୍ତକ ମଗାଇ ପାରନ୍ତି । ଏବେ କୌଣସି ବଳକା ବହି ନାହିଁ, ତେବେ ଆପଣ ହୁଜୁର[ଅ.ସ]ଙ୍କ ସେବାରେ ଚିଠି ଲେଖି ଅନୁରୋଧ

କରିପାରିବେ । ତାଙ୍କ ଲେଖିବା ପରେ ହୁଜୁର[ଅ.ସ] ତାଙ୍କୁ ଗୋଟିଏ ବହି ପ୍ରଦାନ କଲେ । ହଜରତ ମୁନ୍‌ସୀ ଜଫର୍ ଅହମଦ ସାହେବ[ର.ଅ] ବର୍ଣ୍ଣନା କରନ୍ତି, ଯେ ହୁଜୁର[ଅ.ସ]ଙ୍କ ନିକଟରେ କସ୍ତୁରୀ ଥିଲା । ଏକଦା ମୁଁ ଅନୁରୋଧ କଲି ହୁଜୁର ! ମୋତେ କସ୍ତୁରୀ ଦରକାର । ଏହା ଶୁଣି ହୁଜୁର[ଅ.ସ] କସ୍ତୁରୀ ଡ଼ବାଟି ମୋ ଆଗରେ ରଖିଦେଲେ ଏବଂ କହିଲେ; ଏଥିରୁ ଯେତେ ଚାହୁଁଛ ନେଇଯାଅ । ମୁଁ ସେଥିରୁ ଅଳ୍ପ କିଛି ନେଲି, ତାହା ଦେଖି ହୁଜୁର ସ୍ମିତ ହାସ୍ୟ ପ୍ରକାଶ କରି କହିଲେ; ଏହା ତ କିଛି ନୁହେଁ, ତା'ପରେ ପ୍ରାୟ ଏକ ଦେଢ଼ ତୋଳା କସ୍ତୁରୀ ମହାଭାଗ ନିଜେ ମୋତେ ପ୍ରଦାନ କଲେ ।

ହଜରତ ମସିହ ମଉଦ[ଅ.ସ]ଙ୍କ ହୃଦୟରେ ନିଜ ବନ୍ଧୁ ଓ ସଖାମାନଙ୍କ ପାଇଁ କେତେ ଯେ ଦରଦ ଥିଲା, ତା'ର ଏକ ଘଟଣା ଏହିପରି ମିଳିଥାଏ । ହଜରତ ହକିମ ଫଜଲୁର୍ ରହେମାନ୍[ର.ଅ] ବର୍ଣ୍ଣନା କରନ୍ତି, ମୋ ପତ୍ନୀଙ୍କର ଏକ ସନ୍ତାନ ଜନ୍ମ ହେଲା ଓ ତା'ର ସପ୍ତମ ଦିନ ସନ୍ଧ୍ୟା ସମୟରେ ତାଙ୍କ ଠାରେ ଧନୁଷ୍ଟଙ୍କାର ଲକ୍ଷଣ ଦେଖାଗଲା । ମୁଁ **ମଗ୍‌ରିବ ନମାଜ୍** ପରେ ହୁଜୁର[ଅ.ସ]ଙ୍କ ନିକଟକୁ ଦୌଡ଼ିଗଲି । ମୋ କଥା ଶୁଣି ହୁଜୁର[ଅ.ସ] କହିଲେ; ଏହା ତ ବଡ ବିପଦଜନକ ରୋଗର ପୂର୍ବାଭାସ । ତୁମେ ନିଜ ପତ୍ନୀଙ୍କୁ ହେଙ୍ଗୁ ଦେଇଦିଅ ଓ ଘଣ୍ଟେ-ଦେଢ଼ଘଣ୍ଟା ପରେ ମୋତେ ଖବର କୁହ । ଅତଏବ ମୁଁ **ଇଶା ନମାଜ୍** ପରେ ପୁନର୍ବାର ହୁଜୁରଙ୍କ ସେବାରେ ଉପସ୍ଥିତ ହେଲି ଓ କହିଲି, ରୋଗ ବଢ଼ି ଯାଇଛି । ତେବେ ହୁଜୁର[ଅ.ସ] ବିଭିନ୍ନ ଔଷଧ ଦେବାକୁ କହୁଥିଲେ, କିନ୍ତୁ ରୋଗ ବଢ଼ି ଚାଲିଥିଲା । ଏପରିକି ଏକ ସମୟରେ ରୋଗୀଙ୍କର ବାନ୍ତି ମଧ୍ୟ ହୋଇଗଲା, ଯାହାକି ଏହି ରୋଗର ଶେଷ ପର୍ଯ୍ୟାୟ ହୋଇଥାଏ । ତା'ପରେ ନିଶ୍ୱାସ ଅଟକିବାକୁ ଲାଗିଲା, ବେକ ପଛକୁ ବଙ୍କା ହୋଇଗଲା । ଆଖି ସାମ୍ନାରେ ଅନ୍ଧାର ଆସିଗଲା ଓ ପାଟି ବନ୍ଦ ହୋଇଗଲା । ମୁଁ ଦୌଡ଼ିଯାଇ ହୁଜୁରଙ୍କ ଘର ସିଡ଼ିରେ ପହଞ୍ଚିଲି, ମୋର ସ୍ୱର ଶୁଣି ହୁଜୁର କବାଟ ଖୋଲିଲେ ଏବଂ ପଚାରିଲେ କ'ଣ ହେଲା, ସବୁ ଠିକ୍ ତ ? ମୁ ଉତ୍ତର ଦେଲି, ଏବେ ଅବସ୍ଥା ତ ସାଙ୍ଘାତିକ ହୋଇଯାଇଛି । ହୁଜୁର[ଅ.ସ] ସମସ୍ତ ବିବରଣୀ ଶୁଣି କହିଲେ; 'ସାଂସାରିକ ଯେତେ ଅସ୍ତ୍ର ଥିଲା, ସେସବୁ ତ ଆମେ ବ୍ୟବହାର କରି ଦେଖିନେଲେ । ଏବେ ଗୋଟିଏ ଅସ୍ତ୍ର ବାକି ରହିଗଲା, ତାହା ହେଉଛି ଦୁଆ ପ୍ରାର୍ଥନା କରିବାର । ତୁମେ ଯାଅ ! ଏବେ ମୁଁ ଦୁଆ କରିବାରୁ ସେତେବେଳେ ମୁଣ୍ଡ ଉଠାଇବି ଯେତେବେଳେ ତୁମ ପତ୍ନୀ ସୁସ୍ଥ ହୋଇଯିବେ ।'

ଏହା ଶୁଣି ମୁଁ ଫେରି ଆସିଲି ଓ ପତ୍ନୀଙ୍କୁ କହିଲି; **ଏବେ ତୁମର କି ଚିନ୍ତା, ଏବେ ତ ଠିକାଦାର ନିଜେ ତୁମର ଠିକା ନେଇଯାଇଛନ୍ତି** । ସେତେବେଳକୁ ରାତି ଦୁଇଟା ହୋଇଯାଇଥିଲା । ମୁଁ ଘରକୁ ଆସିଲି ଓ ପତ୍ନୀଙ୍କୁ ସେହି ଅବସ୍ଥାରେ ଛାଡ଼ି ଅନ୍ୟ କୋଠରୀରେ ଯାଇ ଶୋଇ ପଡିଲି । ସକାଳେ କୌଣସି ବାସନର ଶବ୍ଦରେ ମୋ ଆଖି ଖୋଲିଲା, ତହୁଁ ଦେଖିଲି ଯେ ମୋ ପତ୍ନୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛନ୍ତି । ସେ ମୋତେ କହିଲେ; ତୁମେ ତ ଶୋଇ ପଡିଲ, କିନ୍ତୁ ଦୁଇ ଘଣ୍ଟା ପରେ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ନିଜର ଅପାର କୃପା ମୋ ପଉରେ ଅଜାଡ଼ି ଦେଲେ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହି ଘଟଣାରେ ହଜରତ ମସିହ ମଉଦ[ଅ.ସ]ଙ୍କର ନିଜ ମିତ୍ରମାନଙ୍କ ପ୍ରତି ଅହେତୁକ ଦରଦ ଓ ଦାନଶୀଳତାର ସର୍ବୋଚ୍ଚ ମାପଦଣ୍ଡ ଦେଖିବାକୁ ମିଳେ । ଥରେ କାଦିୟାନର ଜଣେ ଘୋର ଶତ୍ରୁଙ୍କୁ ତାଙ୍କର ଜଣେ ସମ୍ପର୍କୀୟଙ୍କ ପାଇଁ କସ୍ତୁରୀର ଆବଶ୍ୟକତା ପଡିଲା । କସ୍ତୁରୀ କେବଳ ଯେ ଦୁର୍ଲଭ ଥିଲା ତାହା ନୁହେଁ, ବରଂ ଏହା ବହୁତ ମୂଲ୍ୟବାନ ମଧ୍ୟ ଥିଲା । ତେବେ ଉକ୍ତ ବ୍ୟକ୍ତି ଜଣକ ହୁଜୁର[ଅ.ସ]ଙ୍କ ଦ୍ୱାରସ୍ଥ ହେଲା ଓ କସ୍ତୁରୀ ମାଗିଲା । **ହୁଜୁର[ଅ.ସ] ତତ୍‌କ୍ଷଣାତ ପ୍ରାୟ ଅଧ ତୋଳା କସ୍ତୁରୀ ତାଙ୍କୁ ପ୍ରଦାନ କରିଦେଲେ ।** ଯେତେବେଳେ ପ୍ଲେଗ୍ ମହାମାରୀ ପରିବ୍ୟାପ୍ତ ହେଲା ସେତେବେଳେ ହୁଜୁର[ଅ.ସ] ଅଲ୍ଲାଃତାଲାଙ୍କ ଦୈବିବାଣୀ ଓ ଜ୍ଞାନ ଅନୁସାରେ ଏକ ଔଷଧ ପ୍ରସ୍ତୁତ କଲେ, ଯାହାର ନାମ ତରିୟାକ୍-ଏ-ଇଲାହୀ ରଖାଗଲା । ଏହି ଔଷଧରେ

ହଜାର ହଜାର ଟଙ୍କାର ରତ୍ନ ଓ ଅନେକ ମୂଲ୍ୟବାନ ଚେରମୂଳ ମିଶା ଯାଇଥିଲା । ଯେତେବେଳେ ଏହି ଔଷଧ ପ୍ରସ୍ତୁତ ହେଲା ସେତେବେଳେ ହୁଜୁର[ଅ.ସ] ଅତି ଉଦାରତାର ସହ ଏହାକୁ ବାଣ୍ଟିଲେ । ବାହାରୁ ମଗାଉ ଥିବା ଲୋକମାନଙ୍କୁ ନିଜ ଖର୍ଚ୍ଚରେ ରେଜିଷ୍ଟ୍ରି ପାର୍ସଲ ଯୋଗେ ମଧ୍ୟ ପଠାଉ ଥିଲେ । ହଜରତ ମୁଫ୍‌ତି ମୁହମ୍ମଦ ସାଦିକ୍ ସାହେବ[ର.ଅ] ନିଜ ଚିଠିରେ ହୁଜୁର[ଅ.ସ]ଙ୍କୁ ସୂଚିତ କଲେ, (ମୋ ପତ୍ନୀଙ୍କର) ଗର୍ଭାବସ୍ଥା ଯୋଗୁଁ ଘରେ ଏପରି ଅସୁବିଧା ଚାଲିଛି, ଯେ ଖାଦ୍ୟ ପ୍ରସ୍ତୁତ ହୋଇପାରୁ ନାହିଁ । ରୁଟି ତ ତନ୍ଦୁରରୁ ପ୍ରସ୍ତୁତ ହୋଇଯାଉଛି, କିନ୍ତୁ ତରକାରୀ ପାଇଁ ଅସୁବିଧା ହେଉଛି, ତେଣୁ **ଲଙ୍ଗର୍** (ରୋଷେଇ ଶାଳ)ରୁ ଖାଦ୍ୟ ପଠାଇବାକୁ ଅନୁରୋଧ କଲେ । ଏହା ପରେ ହୁଜୁର[ଅ.ସ] ଲଙ୍ଗର୍‌ର ଇନ୍‌ଚାର୍ଜଙ୍କୁ ନିର୍ଦ୍ଦେଶ ଦେଲେ ମୁଫ୍‌ତି ସାହେବଙ୍କୁ ଦୁଇ ଓଳି ଲଙ୍ଗର୍‌ରୁ ଉତ୍ତମ ତରକାରୀ ଯୋଗଇ ଦିଆଯାଉ ।

ଏକଦା ଅନୁସନ୍ଧାନ କରିବାକୁ ଏକ ପ୍ରତିନିଧି ଦଳ ନସୀବୈନ୍ (ସ୍ଥାନ) ପଠାଇବାକୁ ସ୍ଥିର ହେଲା । ପ୍ରତିନିଧି ଦଳର ସଦସ୍ୟମାନଙ୍କୁ ପ୍ରସ୍ତୁତି ପାଇଁ ହୁଜୁର[ଅ.ସ] ପଚାଶ ପଚାଶ ଟଙ୍କା ପ୍ରଦାନ କଲେ । ପରବର୍ତ୍ତୀ ସମୟରେ କୌଣସି କାରଣ ବଶତଃ ସେହି ଦଳ ଯାଇପାରିଲା ନାହିଁ । ତେଣୁ ଯେତେବେଳେ ଦଳର ଜଣେ ସଦସ୍ୟ ସେହି ପଚାଶ ଟଙ୍କା ଫେରସ୍ତ କରିବାକୁ ଚାହିଁଲେ, ସେତେବେଳେ ହୁଜୁର[ଅ.ସ] କହିଲେ; **ଆମେ ଯାହା କାହାରିକୁ ଦେଇଦେଉ, ତାହା ଆଉ କେବେ ଫେରସ୍ତ ନେଇ ନଥାଉ** । ଥରେ ଲଙ୍ଗର୍ ପାଇଁ ପାଣ୍ଠି ସରିଗଲା ସେତେବେଳେ ହୁଜୁର[ଅ.ସ] କହିଲେ; ବିବି (ଅର୍ଥାତ୍ ଆମ ଧର୍ମପତ୍ନୀ) ସାହେବାଙ୍କ ଠାରୁ କୌଣସି ଗହଣା ନେଇଯାଅ ଓ ତାକୁ ବିକ୍ରି କରି ସାମଗ୍ରୀ ନେଇଆସ । ଦୁଇଦିନ ପରେ ପୁଣି ଅର୍ଥ ଶେଷ ହୋଇଗଲା, ତହୁଁ ହୁଜୁର[ଅ.ସ] କହିଲେ; "ଆମେ ବାହ୍ୟ ସାଧନକୁ ଦୃଷ୍ଟିରେ ରଖି ବ୍ୟବସ୍ଥା କରିଥିଲେ । ଏବେ ଆମର ଆବଶ୍ୟକତା ନାହିଁ, ଏମାନେ ଯାହାର ଅତିଥି ସେ ନିଜେ ତାହାର ବ୍ୟବସ୍ଥା କରିବେ ।" ଏହାପରେ ସକାଳ ଆଠ-ନଅଟା ସମୟରେ ଯେତେବେଳେ ଡ଼ାକବାଲା ଆସିଲା ତା' ହାତରେ ପ୍ରାୟ ୧୦-୧୫ଟି ମନିଅର୍ଡ଼ର ଥିଲା, ଯାହା ଶହେ ଶହେ ଓ ପଚାଶ-ପଚାଶ ଟଙ୍କାର ଥିଲା ଏବଂ ବିଭିନ୍ନ ସ୍ଥାନରୁ ଆସିଥିଲା । ହଜରତ ମସିହ ମଉଦ[ଅ.ସ] ସେହି ମନିଅର୍ଡ଼ର ଗୁଡ଼ିକୁ ଗ୍ରହଣ କରି ଅଲ୍ଲାଃଙ୍କ ଉପରେ ଭରସା କରିବା ପ୍ରସଙ୍ଗରେ ଏକ ପ୍ରବଚନ ଦେଲେ ।

ଏକଦା ପ୍ରବଳ ଦୁର୍ଭିକ୍ଷ ପଡିଲା ସେତେବେଳେ ହୁଜୁର[ଅ.ସ] ଆଦେଶ ଦେଲେ ଲଙ୍ଗର୍‌ରେ ଅଟା ଚକଟା ଚାଲୁ ରହୁ ଓ ରୁଟି ପ୍ରସ୍ତୁତ ରହୁ । ଆଉ ରୁଟି ମାଗୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ରୁଟି ଦିଆଯାଉ ଏବଂ କେହି ଯେପରି ଖାଲି ହାତରେ ନଫେରନ୍ତୁ । ଶେଖ୍ ହାମିଦ୍ ଅଲୀ ସାହେବ[ର.ଅ] ବର୍ଣ୍ଣନା କରନ୍ତି, **ଜୀବନର ଶେଷ ସମୟ ପର୍ଯ୍ୟନ୍ତ ହଜରତ ମସିହ ମଉଦ[ଅ.ସ] ମୋତେ କେବେ ହେଲେ ହିସାବ ମାଗି ନାହାନ୍ତି, କିମ୍ବା କେବେ ମୋ ଉପରେ କ୍ରୋଧିତ ହୋଇ ନାହାନ୍ତି** । ହଜରତ ଶେଖ୍ ଅହମଦ୍ ଦୀନ୍ ସାହେବ[ର.ଅ]ଙ୍କୁ ଥରେ ହୁଜୁର[ଅ.ସ] କୌଣସି କାର୍ଯ୍ୟରେ ପଠାଇଲେ ଏବଂ ନିର୍ଦ୍ଦେଶ ଦେଲେ, ପରଦିନ ଶୀଘ୍ର ଫେରି ଆସିବ । ସେ କୁହନ୍ତି; ଆଦେଶ ଅନୁଯାୟୀ ମୁଁ ପରଦିନ କିଛି ବିଳମ୍ବରେ ପହଞ୍ଚିଲି, ତେବେ ହୁଜୁର[ଅ.ସ] ମୋ ଚିନ୍ତାରେ ଜଣେ ବ୍ୟକ୍ତିଙ୍କୁ ମୋତେ ଖୋଜିବାକୁ ପଠାଇ ସାରିଥିଲେ । ମୁଁ ଯେତେବେଳେ ହୁଜୁର[ଅ.ସ]ଙ୍କ ସେବାରେ ଉପସ୍ଥିତ ହେଲି । ହୁଜୁର ମୋତେ ସର୍ବପ୍ରଥମେ ପଚାରିଲେ, ଆପଣଙ୍କୁ କୌଣସି କଷ୍ଟ ତ ହୋଇ ନାହିଁ ? ଏପରି ହୁଜୁର[ଅ.ସ]ଙ୍କର ମୋର କୁଶଳମଙ୍ଗଳ ପଚାରିବା ଦ୍ୱାରା ମୋ ହୃଦୟ ଆନନ୍ଦରେ ଭରିଗଲା । ଆଉ ମୁଁ ଯେତେବେଳେ ପଇସାର ହିସାବ ଦେବାକୁ ଚାହିଁଲି, ହୁଜୁର[ଅ.ସ] କହିଲେ; ଆମ ଓ ଆପଣଙ୍କ ମଧ୍ୟରେ କି ହିସାବ ! ଏହି ପଇସା ଆପଣ ନିଜ ଆବଶ୍ୟକତାରେ ବ୍ୟୟ କରନ୍ତୁ ।

ହଜରତ ହକିମ୍ ମୌଲବୀ ନୁରୁଦ୍ଦିନ୍ ସାହେବ[ର.ଅ] ଥରେ ହୁଜୁର[ଅ.ସ]ଙ୍କ ଠାରୁ କିଛି ଋଣ ନେଲେ । ଯେତେବେଳେ ସେ ହୁଜୁର[ଅ.ସ]ଙ୍କୁ ସେହି ଋଣ ଫେରସ୍ତ ପଠାଇଲେ ସେତେବେଳେ ହୁଜୁର ତାହାକୁ ନାପସନ୍ଦ କଲେ ଏବଂ କହିଲେ; 'ଆପଣ ଆମ ଟଙ୍କାକୁ ନିଜ ଟଙ୍କା ଠାରୁ ଅଲଗା ଭାବୁଛନ୍ତି କି ?' ହଜରତ ଶେଖ୍ ଯାକୁବ୍

ଅଲୀ ସାହେବ ଇରଫାନୀ[ର.ଅ] ଲେଖନ୍ତି; ଯେବେଠାରୁ ହଜରତ ମସିହ ମଉଦ[ଅ.ସ] ନିଜ ପ୍ରେରିତ ହେବାର ଘୋଷଣା କଲେ ଓ ଲୋକମାନେ ଜାଣିବାକୁ ପାଇଲେ, ଅଲ୍ଲାଃତାଲା ଆପାଣଙ୍କୁ ସୁସମାଚାର ଦେଇଛନ୍ତି, ଯେ ରାଜାମାନେ ତୁମ୍ଭ ପୋଷାକରୁ **ବରକତ୍** (ଆଶିଷ) ଅନ୍ୱେଷଣ କରିବେ । ସେବେଠାରୁ ସାଧାରଣ ଲୋକେ ହୁଜୁର[ଅ.ସ]ଙ୍କୁ ପୋଷାକ ମାଗୁଥିଲେ ଏବଂ ମହାଭାଗ କେବେ କାହାକୁ ମନା କରୁ ନଥିଲେ ଓ ଅନେକ ସମୟରେ ଏପରି ପରିସ୍ଥିତି ସୃଷ୍ଟି ହେଉଥିଲା, ଯେ **କେବଳ ହୁଜୁର[ଅ.ସ]ଙ୍କ ଶରୀରରେ ଥିବା ବସ୍ତ୍ର ହିଁ ବାକି ରହୁଥିଲା ଏବଂ ବାକି ସବୁ ହୁଜୁର ଦେଇ ଦେଉଥିଲେ ।**

ଏକଦା ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କ ଘରୁ ଜଣେ ଗରିବ ମହିଳା କିଛି ଚାଉଳ ଚୋରି କରିନେଲା । ଲୋକମାନେ ତାକୁ ଦେଖିଦେଲେ ଓ ପାଟିତୁଣ୍ଡ ଆରମ୍ଭ ହୋଇଗଲା । ସେହି ସମୟରେ ପୁଣ୍ୟଶ୍ଲୋକ ନିଜ ଗୃହରେ କାମ କରୁଥିଲେ । ଗହଳି ଶୁଣି ହୁଜୁର[ଅ.ସ] ବାହାରକୁ ଆସିଲେ ଓ ଦେଖିଲେ, ଜଣେ ଅତି ଗରିବ ତଥା ଅସହାୟ ମହିଳା ଠିଆ ହୋଇଛନ୍ତି । ତାଙ୍କ ହାତରେ କିଛି ଚାଉଳର ପୁଟୁଳି ରହିଛି, ହୁଜୁର[ଅ.ସ] ଯେତେବେଳେ ସମ୍ପୂର୍ଣ୍ଣ ଘଟଣା ବିଷୟରେ ଜାଣିଲେ ସେତେବେଳେ ତାଙ୍କ ହୃଦୟ ତରଳିଗଲା । ମହାଭାଗ କହିଲେ; ଏହି ଗରିବ ମହିଳା ଜଣକ ଭୋକିଲା ଓ କାଙ୍ଗାଳ ଭଳି ମନେ ହେଉଛି, ତାକୁ ଆଉ କିଛି ଚାଉଳ ଦେଇ ବିଦା କରିଦିଅ । ତେବେ ଆପଣଙ୍କ ସ୍ୱଭାବରେ ଅଲ୍ଲାଃଙ୍କ ପରି ପରଦା ଅର୍ଥାତ୍ ଦୋଷ ମାର୍ଜନ କରିବା ଅଭ୍ୟାସ ଥିଲା । ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ଏହି ଘଟଣା ବର୍ଣ୍ଣନା କରି ଲେଖିଛନ୍ତି, ଏହି ଘଟଣା ଉପରେ ଚଞ୍ଚଳତା ଅବଲମ୍ବନ କରୁଥିବା ବ୍ୟକ୍ତି କହିପାରେ, ଏହା ତ ଚୋରିକୁ ପ୍ରଶୟ ଦେବା ଭଳି କଥା କିମ୍ବା ମହାଭାଗ ଜଣେ ଚୋରକୁ ସାହସ ଦେଉଛନ୍ତି । ମାତ୍ର ଜ୍ଞାନୀ ଲୋକେ ବୁଝିଥା'ନ୍ତି, ଯେ ଯେତେବେଳେ ସମ୍ପତ୍ତି ସ୍ୱୟଂ ହଜରତ ମସିହ ମଉଦ[ଅ.ସ]ଙ୍କର ନିଜର ଥିଲା ଓ ଚୋରି କରୁଥିବା ମହିଳା ଜଣକ ଭୋକରେ ମରୁଥିବା ଏକ କାଙ୍ଗାଳ ମହିଳା ଥିଲା, ତେବେ ଏହା ଚୋରିରେ ସାହାଯ୍ୟ କରିବା ନୁହେଁ, ବରଂ ପ୍ରକୃତରେ ଗରିବକୁ ଅର୍ନ୍ନ ଦେବା ମଧ୍ୟରେ ଅନ୍ତର୍ଭୁକ୍ତ । ହଦିସ୍ ଗ୍ରନ୍ଥରୁ ପ୍ରମାଣିତ ଯେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ମଧ୍ୟ ଏପରି ପରିସ୍ଥିତିରେ ଯେତେବେଳେ ଚୋରି କରୁଥିବା ବ୍ୟକ୍ତି ଅତ୍ୟନ୍ତ ଗରିବ ହୋଇଥାଏ ଓ ପ୍ରବଳ ଭୋକ ସମୟରେ କୌଣସି ଖାଦ୍ୟ ପଦାର୍ଥ ଉଠାଇ ନିଏ ତେବେ ତାକୁ ଚୋର ବୋଲି ଗଣ୍ୟ କରୁ ନଥିଲେ । ବରଂ ତାହା ସହ ଦୟା ଓ କ୍ଷମା ପ୍ରଦର୍ଶନ କରୁଥିଲେ । **ଏହା ହେଉଛି ନିଜ ପ୍ରଭୁଙ୍କ ସମ୍ପୂର୍ଣ୍ଣ ଅନୁସରଣର ଏକ ଅନନ୍ୟ ଉଦାହରଣ ।** اللّٰھم صل علیٰ محمد وعلیٰ عبدك المسیح الموعود وبارك وسلم

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

*** *** ***

Khulasa Khutba Juma Huzoor Anwar a.b.a

3rd July 2026

*Translated to Odia by :* Moulavi Anwar Ahmad Khan